


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR

VOLUME- 19 ♦ ISSUE- 138 ♦ BHUBANESWAR ♦ SATURDAY ♦ 13 NOVEMBER 2021 ♦ PAGE- 16 ♦ ₹ 5.00

♦ବର୍ଷ-୧୯ ♦ସଂଖ୍ୟା- ୧୩୮ ♦ଭୁବନେଶ୍ୱର ♦ଶନିବାର ♦୧୩ ନଭେମ୍ବର ୨୦୨୧ ♦ପୃଷ୍ଠା- ୧୬ ♦ଟ.୫.୦୦

# ହଜିଲା ମଣିଷ ଘରକୁ ଫେରିଲେ

## ୪ ଜଣଙ୍କୁ ଉଦ୍ଧାର କଲା ଶ୍ରଦ୍ଧା ଫାଉଣ୍ଡେସନ

ବ୍ରହ୍ମପୁର,୧୨ ।୧୧(ସମିସ)

ସମ୍ପ୍ରତି ବିଭିନ୍ନ ସହରରେ ଅନେକ ମାନସିକ ବିକୃତ ଅସହାୟ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। କିଛି ଏପରି ମଧ୍ୟ ଅଛନ୍ତି ଯେଉଁମାନେ ପାରିବାରିକ ଓ ପାରିପାର୍ଶ୍ୱିକ କାରଣରୁ ମାନସିକ ଭାରସାମ୍ୟ ହରାଇଥାନ୍ତି। ଫଳରେ କିଛି ନ ଜାଣି ମନବିସ୍ଥାପରେ ଅଜଣା ପଥରେ ମାଡିଚାଲିଯାନ୍ତି। ଏମାନଙ୍କୁ ହରାଇ ବ୍ୟତିବ୍ୟସ୍ତ ପରିବାର କେବଳ ଫେରିବା ବାଟକୁ ଅନାଇ ରହିବା ବ୍ୟତିରେକ ଅ ନ ୟଗ ତି ନଥାଏ। ହଜିବା ବ୍ୟକ୍ତି ମିଳିଗଲେ ପରିବାରରେ ଛୁଟେ ଆନନ୍ଦର ଲହରୀ। ଆଜି ଏଭଳି କିଛି ଘଟଣା ଘଟିଛି। ଯାହା ସମସ୍ତଙ୍କ ମୁହଁରେ ଖୁସି ଆଣିଦେଇଛି। ଦୀର୍ଘବର୍ଷ ଧରି ମାନସିକ ଭାରସାମ୍ୟ ହରାଇ କେଉଁଆଡ଼େ ଚାଲିଯାଇଥିବା ୮ ଜଣଙ୍କୁ ସ୍ୱଗୃହ ଫେରାଇ ଆଣିବାରେ ସକ୍ଷମ ହୋଇଛି ଶ୍ରଦ୍ଧା ରିହାବିଲେଟ୍‌ସନ୍ ଫାଉଣ୍ଡେସନ୍। ଏଥିରେ ଗଞ୍ଜାମର ଜଣେ ମହିଳାଙ୍କ ସମେତ ୩ ଜଣ ପୁରୁଷ ରହିଛନ୍ତି। ଉକ୍ତ ଫାଉଣ୍ଡେସନ୍‌ର କର୍ମକର୍ତ୍ତାଙ୍କ ସହଯୋଗରେ ଆଜି ରେଳ ଯୋଗେ ଏମାନେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ନିଜ ଗାଁକୁ ଫେରିଛନ୍ତି। ସେମାନେ ହେଲେ ଭଞ୍ଜନଗର ଉପଖଣ୍ଡ 'ପୁଟୁ' ଗ୍ରାମର ଟୁଙ୍ଗୁରୁ ବେହେରା, ଧରାକୋଟ ବ୍ଲକ ଶରଧାପୁର ଗ୍ରାମର ଲିମ୍ବା ନାୟକ, ବୋଇରାଣୀ ଗ୍ରାମର ଗଣେଶ ଦାସ ଓ ପୁରୁଷୋତ୍ତମପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ଝୁମୁକି ରଣା। ଟୁଙ୍ଗୁରୁ ୧୨ ବର୍ଷ ପୂର୍ବେ ପଇସା ଅଭାବରୁ ରୋଜଗାର କରିବାକୁ ସୁରତ ଯାଇଥିଲେ। ମାନସିକ ଭାରସାମ୍ୟ ହରାଇ ସୁରତରେ ବୁଲୁଥିଲେ। ଶ୍ରଦ୍ଧା ଫାଉଣ୍ଡେସନ୍ ତାଙ୍କୁ ସୁରତରୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୁଜୁରାଟର ଯଦୁପୁର ପରେ ମୁମ୍ବାଇ ଆଣି ସେଠାରେ ଏକ ଆଶ୍ରମରେ ରଖିଥିଲେ। ୩ ବର୍ଷ ଧରି ଚିକିତ୍ସା କରିବା ପରେ ଟୁଙ୍ଗୁର ନିଜ ଅଞ୍ଚଳର ଠିକଣା କହିବାରେ ସକ୍ଷମ ହୋଇଥିଲେ। ପରେ ଗାଁ ଲୋକଙ୍କ ସହ ଯୋଗାଯୋଗ କରାଯାଇ ତାଙ୍କୁ ଆଜି ଭିଟାମାଟିକୁ ଅଣାଯାଇଛି। ସେହିଭଳି ଲିମ୍ବା ନାୟକ ୨୦ବର୍ଷ ପୂର୍ବେ ମାନସିକ ଭାରସମ୍ୟ ହରାଇ ରେଳ ଯୋଗେ କେଉଁଆଡ଼େ ଚାଲିଯାଇଥିଲେ। ଶ୍ରଦ୍ଧା ଫାଉଣ୍ଡେସନ୍ ପକ୍ଷରୁ ତାଙ୍କୁ ଯଦୁପୁରରୁ ଉଦ୍ଧାର କରାଗଲା। ଫାଉଣ୍ଡେସନ ପକ୍ଷରୁ ତାଙ୍କର ମାନସିକ ଚିକିତ୍ସା ପରେ ସେ ବର୍ତ୍ତମାନ ସୁସ୍ଥ ହେବା ସହ ନିଜ ଗାଁକୁ ଫେରିଛନ୍ତି। ଗଣେଶ ଦାସ ୫ ବର୍ଷ ପୂର୍ବେ ଜୟପୁରରୁ ଉଦ୍ଧାର କରାଯାଇଥିଲା। ସେତେବେଳେ ତାଙ୍କ ମାନସିକ ସ୍ଥିତି ଭଲ ନଥିଲା। ଚିକିତ୍ସା ପରେ ସେ ଆଜି ଗାଁକୁ ଫେରିଛନ୍ତି। ସେହିଭଳି ଝୁମୁକା ରଣା ମଧ୍ୟ ନିଜ ପାରିବାରିକ ସମସ୍ୟା କାରଣରୁ ମାନସିକ ବିକୃତ ହୋଇ ରାସ୍ତାରେ ବୁଲୁଥିଲେ। ତାଙ୍କୁ ଦିଲ୍ଲୀରୁ ଉଦ୍ଧାର କରାଯାଇ ଚିକିତ୍ସା ଯୋଗାଇ ଦିଆଗଲା। ବର୍ତ୍ତମାନ ସେ ସୁସ୍ଥ ହୋଇ ସବୁକିଛି ଜାଣିପାରିବା ସହ ନିଜ ଘରକୁ ଫେରିଛନ୍ତି। ଆଜି ଶ୍ରଦ୍ଧା ରିହାବିଲେଟ୍‌ସନ୍ ଫାଉଣ୍ଡେସନ୍‌ର ସୁନିଲ୍ କୁମାର ଦାସ ଓ ଲକ୍ଷ୍ମୀପ୍ରିୟା ବିଷୋୟୀ ଏମାନଙ୍କୁ ଗାଁକୁ ଆଣି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଫାଉଣ୍ଡେସନ୍ ସଦସ୍ୟଙ୍କ କହିବା ଅନୁଯାୟୀ ଗତକାଲି ଲୋକମାନ୍ୟ ତିଳକ ଟ୍ରେନ୍‌ରେ ଓଡ଼ିଶାର ୮ ଜଣଙ୍କୁ ଫେରାଇ ଅଣାଯାଇଛି। ଏଥିରେ କଳାହାଣ୍ଡିର ଜଣେ, ଜଟଣୀର ଜଣେ ଓ ପୁରୀର ଦୁଇଜଣ ରହିଥିବା ବେଳେ ଗଞ୍ଜାମର ଚାରିଜଣ ଥିଲେ। ପରେ ବିଶାଖା ଟ୍ରେନ୍ ଯୋଗେ ଗଞ୍ଜାମର ଚାରି ଜଣକୁ ବ୍ରହ୍ମପୁର ଅଣାଯାଇ ନିଜ ନିଜ ଗାଁକୁ ନିଆଯାଇଛି।

